# ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ,ଯାଜପୁର

E-mail ID-managingtrustee@maabiraja.com
Ph- 06728-223900/Website-www.maabiraja.com

ନଂ- ୮୪ ତା- ୧୦.୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ବେଢାବାହାରେ ଥିବା ଜନସୁବିଧାକେନ୍ଦ୍ର(ଶୌଚାଳୟ) ଓ ନୂତନ ଶୌଚାଳୟ ଆସନ୍ତାତା ୧୯.୦୩.୨୦୨୫ ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୫-୨୦୨୬ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ, ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସଯୁକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧହେବେ ନଚେତ ତାଙ୍କଦ୍ୱାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତ କରାଯାଇପାରିବ । ଯଦି ଜନସୁବିଧାକେନ୍ଦ୍ର(ଶୌଚାଳୟ) ଓ ନୂତନ ଶୌଚାଳୟ ତା ୧୯.୦୩.୨୦୨୫ ରିଖ ଦିନ ନିଲାମ ହୋଇ ନପାରିବ ତା ୨୬.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ । ଯଦି ତା ୨୬.୦୩.୨୦୨୫ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା ୨୯.୦୩.୨୦୨୫ ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ ।

| କ୍ର.ନଂ | ୨୦୨୫-୨୦୨୬ ବର୍ଷପାଇଁ ହେବାକୁଥିବା ଜନସୁବିଧାକେନ୍ଦ୍ର(ଶୌଚାଳୟ) ଓ ନୂତନ ଶୌଚାଳୟ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଜନସୁବିଧାକେନ୍ଦ୍ର(ଶୌଚାଳୟ) ଓ ନୂତନ ଶୌଚାଳୟ | ୫,୦୦,୦୦୦/- | ୫୦,୦୦୦/- | ନିଲାମ ତାରିଖ ପୂର୍ବରୁ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୮୪(୪) ତାରିଖ- ୧୦.୩.୨୦୨୫

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା ।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୮୬ ତାରିଖ- ୧୦.୩.୨୦୨୫

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

## ସର୍ତ୍ତାବଳୀ

## ଜନସୁବିଧା କେନ୍ଦ୍ର

୧. ଉପରୋକ୍ତ ଜନସୁବିଧାକେନ୍ଦ୍ର(ଶୌଚାଳୟ) ଓ ନୂତନ ଶୌଚାଳୟ ନିମନ୍ତେ ଅମାନତ୧୦% ରାଶିସ୍ୱରୂପ ଅର୍ଥ ଟ୫୦,୦୦୦/- ଙ୍କା Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC -0000094) (Branch Code-00094) ଙ୍କ ନାମରେ Demand draft ନିଲାମ ତାରିଖ ପୂର୍ବଦିନ Managing Trustee Maa Biraja Temple, Jajpur ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ୫,୦୦,୦୦୦/-(ପାଂଚଲକ୍ଷଟଙ୍କା)ଧାର୍ଯ୍ୟକରାଯାଇଛି ।

୩. ମନ୍ଦିରର କୌଣସିଦେୟ ବାକିରଖିଥିବା ବ୍ୟକ୍ତି ଓ ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094) ରେ RTGS/NEFT ମାଧ୍ୟମରେ ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୫ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିବେ ।

୫. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତିକରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନ ଲିପିବଦ୍ଧ କରି ନିମ୍ନସ୍ୱାକ୍ଷର କାରିଙ୍କ ନିକଟରେ ୭ଦିନମଧ୍ୟରେ ଦାଖଲ କରିବେ ।

୬. ଯଦିକୌଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତ୍ରୁଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତିଙ୍କ ଡାକକୁ ବିଚାରକୁ ନିଆଯିବ /ପୁନିନିଲାମ କରାଯିବ/ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପବ୍ୟବସ୍ଥାଗ୍ରହଣ କରାଯିବ ତାହାମୁଖ୍ୟ ପରିଚାଳକ ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ ।)

୭. କେବଳଅମାନତ ଜମାକାରୀଙ୍କ ବ୍ୟତିତ ଅନ୍ୟକୌଣସି ବ୍ୟକ୍ତି ନିଲାମସ୍ଥାନରେ ଉପସ୍ଥିତ ରହିପାରିବେନାହିଁ । ନୀଲାମଧାରୀ ଭକ୍ତ,ଯାତ୍ରୀ ଓ ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ ।

୮. ଉକ୍ତଜନସୁବିଧାକେନ୍ଦ୍ରର ତଳତାଲାରେ ୨ଗୋଟିକୋଠରି ଓ ୨ୟତାଲାରେ ୩ଗୋଟିକୋଠରି ସହିତ ପରିଶ୍ରାଗାର , ପାଇଖାନା ଓ ସ୍ନାନାଗାର ଅଲଗା ଅଲଗା ପୁରୁଷ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଯାତ୍ରୀଙ୍କ ବିଶ୍ରାମପାଇଁ ଏକ ହଲର ସୁବିଧାରହିଅଛି ।

୯. ନୂତନ ଶୌଚାଳୟରେ ପୁରୁଷ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କେବଳ ପରିଶ୍ରାଗାର / ପାଇଖାନାର ବ୍ୟବସ୍ଥା ରହିଅଛି ।

୧୦.ଜନସୁବିଧାକେନ୍ଦ୍ରରେ ଜିଲ୍ଲାବାହାର ଓ ରାଜ୍ୟବାହାରୁ ଆସୁଥିବା ଯାତ୍ରୀ ମାନଙ୍କୁ ଅଗ୍ରାଧୀକାର ଭିତ୍ତିରେ ଘର/ହଲ ବ୍ୟବହାର ସୁଯୋଗ ଦିଆଯିବ ।

୧୧. ଜନସୁବିଧାକେନ୍ଦ୍ରରେ ରହିବା ପାଇଁ ନିଲାମଧାରୀ ନିମ୍ନନିର୍ଦ୍ଧାରୀତ ଦରରେ ମହାସୁଲ ଆଦାୟ କରିବେ ।

(କ) ପ୍ରଥମ ଓ ଦ୍ୱୀତିୟ ତାଲାର ସ୍ୱତନ୍ତ୍ର କୋଠରି ଗୁଡିକୁ ଦିନପ୍ରତି -୨୦୦ଟଙ୍କା

(ଖ) ପ୍ରଥମତାଲା/ ୨ୟତାଲାର ଖାଲିଥିବା ସ୍ଥାନ ଦିନପ୍ରତି-୧୦୦ଟଙ୍କା

(ଗ) ସ୍ୱତନ୍ତ୍ର ହଲ ଦିନପ୍ରତି-୫୦୦ଟଙ୍କା

(ଘ) ସ୍ନାନାଗାର ବ୍ୟତିତ କୋଠରି ଦିନପ୍ରତି-୨୦୦ଟଙ୍କା

(ଙ) କେବଳ ଗାଧୋଇବାପାଇଁ ଥରକୁ-୧୦ଟଙ୍କା

(ଚ) କେବଳ ଶୌଚଯିବାପାଇଁ ଥରକୁ-୫ଟଙ୍କା

(ଛ) ସ୍ୱତନ୍ତ୍ର ସ୍ନାନାଗାର ଓ ପରିଶ୍ରାଗାର ବ୍ୟବହାରକୁ ଥରକୁ -୨୦ଟଙ୍କା

୧୧. ସର୍ବୋପରି କୌଣସି କାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚକରିବାର ସମସ୍ତକ୍ଷମତା ନିମ୍ନସାକ୍ଷରକାରୀଙ୍କର ଅଛି ।

୧୨. ନିଲାମଧାରୀ, ମା'ଙ୍କ ମନ୍ଦିର ପରିସର ବାହାରେ ଦୁର୍ଗାପୂଜା ଓ ସନକ୍ଷତ୍ର ପୂଜା ସମୟରେ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ସଂସ୍ଥାମାନଙ୍କୁ କୌଣସିଦେୟ ମାଗିବେନାହିଁ ।

୧୩. ଅମାନତ ଦେୟ ବର୍ଷ ଶେଷରେ ତା୩୧.୩.୨୦୨୬ଫେରସ୍ତ ନେବେ ।

୧୪.ମନ୍ଦିର ବାହାରେ ରାଜ୍ୟସରକାରଙ୍କ ଦ୍ୱାରା ଉନ୍ନୟନକାର୍ଯ୍ୟ ଚାଲୁଥିବାସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେକୌଣସି ସମୟରେ ଟେଣ୍ଡରକୁ ବାତିଲ କରାଯିବ ଓ ନିଲାମଧାରୀଙ୍କୁ ଅବଶିଷ୍ଟ ଅବଧିନିମନ୍ତେ ନିଲାମର ଆନୁପାତିକଅର୍ଥ ଫେରସ୍ତ କରାଯିବ । ଏଥିରେ ନିଲାମଧାରୀ କୌଣସି ଆପତ୍ତି/ଅଭିଯୋଗ କରିବେନାହିଁ କିମ୍ବା ଆଇନର ଆଶ୍ରୟନେଇପାରିବେନାହିଁ ।

୧୫.ନିଲାମଧାରୀ ନିଲାମ ସର୍ତ ଭିନ୍ନ ଉକ୍ତ ଜନସୁବିଧାକେନ୍ଦ୍ରର ଦୁରୁପଯୋଗକଲେ ଏବଂ ଏସମ୍ବନ୍ଧରେ କୌଣସି ଲିଖିତ ଅଭିଯୋଗ ନିମ୍ନସାକ୍ଷରକାରିଙ୍କ ଦୃଷ୍ଟିକୁ ଆସିଲେ ନିଲାମଧାରିଙ୍କ ଅମାନତ ଟଙ୍କାକୁ ବାଜ୍ୟାପ୍ତିକରାଯିବା ସହ ନିଲାମକୁ ବାତିଲ କରାଯିବ ।

୧୬. ଶୌଚାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁଗୁଡିକୁ ନିଜ ଖର୍ଚ୍ଚରେ ସ୍ଥାନାନ୍ତରକରିବେ ଓ ଶୌଚାଳୟ ପରିସରକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ପରିଷ୍କାର ପରିଛନ୍ନ ରଖିବେ ଏବଂ ସର୍ବଦା ବ୍ଲିଚିଂ ଏବଂ ଫିନାଇଲ ନିଜଖର୍ଚ୍ଚରେ ବ୍ୟବହାର କରିବେ । ନିଲାମଧାରୀ ଆବଶ୍ୟକ ଛୋଟ ଛୋଟ ମରାମତି ନିଜଖର୍ଚ୍ଚରେ କରାଇବେ ।

୧୭. ନିଲାମଧାରୀ ୨ଗୋଟି ଶୌଚାଳୟରେ ବ୍ୟବହୃତ ବିଦ୍ୟୁତ ବାବଦଦେୟ ପ୍ରତ୍ୟେକ ମାସ ପୈଠକରି ତାହାର ରସିଦ ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିବେ ।

୧୮. ନୀଲାମଧାରୀ ୨ଗୋଟି ଶୌଚାଳୟର ସମ୍ମୁଖଭାଗରେ ନିଜଖର୍ଚ୍ଚରେ ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ । ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧ୍ୟରେ ମୂଲ୍ୟସୂଚୀ ବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ମାସ ଅବଧି ମଧ୍ୟରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ ।

ମ୍ୟାନେଜିଂ ଟ୍ରଷ୍ଟି ତଥା

ଉପ-ଜିଲ୍ଲାପାଳ, ଯାଜପୁର